# ବିକାଶ କ୍ଷେତ୍ରରେ ମହାନଗର ପଛରେ ରହିଛି: ମନ୍ତ୍ରୀ ବିଭୂତି

**ବିଏମ୍‌ସି ସାଧାରଣ ବୈଠକ**

- ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ସମସ୍ୟା ନେଇ ବର୍ଷିଲେ କର୍ପୋରେଟର
- ଟିପିଏସଓଡିଏଲ ଓ ୱାଟକୋ ଯନ୍ତ୍ରୀଙ୍କୁ ତାଗିଦ



ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମପି, ବିଧାୟକ, ମେୟର ଓ ଅନ୍ୟମାନେ।

ବ୍ରହ୍ମପୁର,୧୨।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ନବ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ସାଧାରଣ ବୈଠକ ଶୁକ୍ରବାର ନିଗମର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମେୟର ସଂଘମିତ୍ରା ଦଳେଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଣିଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ଏମପି ଡ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ ଅନୀଲ କୁମାର, ଡେପୁଟି ମେୟର ବିବେକ ରେଡି ଓ କମିଶନର ଭବାନୀ ପ୍ରସାଦ ଶର୍ମା ଉପସ୍ଥିତ ଥିଲେ। ବୈଠକରେ ମନ୍ତ୍ରୀ, ଏମପି, ବିଧାୟକଙ୍କୁ କର୍ପୋରେଟରମାନେ ସମ୍ବର୍ଦ୍ଧିତ କରିଥିଲେ। ୫୦ ବର୍ଷ ତଳେ ବ୍ରହ୍ମପୁର ଯାହା ଥିଲା ଏବେ ତାହା ହିଁ ଅଛି। ମହାନଗରର ଉନ୍ନତି ପାଇଁ ଯିଏ କାର୍ଯ୍ୟ କରିବ ନାହିଁ ତାଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯିବ। ବିକାଶ କ୍ଷେତ୍ରରେ ମହାନଗର ପଛରେ ରହିଛି ବୋଲି ମନ୍ତ୍ରୀ କହିଥିଲେ। ବ୍ରହ୍ମପୁରକୁ ବୃହତ୍ତର ମହାନଗର ଭାବେ ଗଠନ ପାଇଁ ସବୁଏଁ କାର୍ଯ୍ୟ କରିବାକୁ ଏମପି କହିଥିଲେ। ବିଧାୟକ ବି ଅନୁରୂପ ବକ୍ତବ୍ୟ ଦେଇଥିଲେ। ସହରର ପାନୀୟ ଜଳ, ବିଦ୍ୟୁତ, ଡ୍ରେନ ସମସ୍ୟା ଓ ଟ୍ରାଫିକ ପରିଚାଳନା ନେଇ ଆଲୋଚନା ହୋଇଥିଲା। କର୍ପୋରେଟର ସବିତା ସାହୁ ୱାର୍ଡର ୯ ସାହିରେ ପିଇବା ପାଣି ଠିକ ଆସୁ ନ ଥିବା ଅଭିଯୋଗ କରିଥିଲେ। ଗୋଳିଆ ପାଣି ଓ ୨୪ ଘଣ୍ଟିଆ ପାଣି ଆସୁ ନ ଥିବା ନେଇ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଯାନ୍ତ୍ରିକ ତ୍ରୁଟି ଏହାର କାରଣ ବୋଲି ୱାଟକୋ ଜେନେରାଲ ମ୍ୟାନେଜର ଇଂ.ବିକାଶ ପାଢି କହିଥିଲେ। ମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ସହରର ୫୫,୨୬୧ ଘରକୁ ପାଣି ଯୋଗାଣ ହେଉଥିବା ଯନ୍ତ୍ରୀ କହିଥିଲେ। କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ନୂତନ ରାସ୍ତାଗୁଡିକରେ ପାଣି ଲିକେଜ ହେଉଥିବାରୁ ତାହା ମରାମତି ଦାବି କରିଥିଲେ। ଯେଉଁ ୱାର୍ଡରେ ପାଣି ସମସ୍ୟା ରହିବ ବିଭାଗ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଉ। କର୍ପୋରେଟର ଧୀରେଶ ସାବତ ଓଭର ହେଡ ଟ୍ୟାଙ୍କ ଅଧିକ ନିର୍ମାଣ କରିବାକୁ କହିଥିଲେ। ସହରରେ ଠିକ ବିଦ୍ୟୁତ ଯୋଗାଣ ହେଉ ନ ଥିବା ନେଇ କର୍ପୋରେଟର ପ୍ରଦୀପ ଶତପଥୀ ଅଭିଯୋଗ କରିଥିଲେ। ବିଦ୍ୟୁତ ପୋଲ ଗୁଡିକରେ ତାର ଝୁଲି ରହିବା, ପୋଲ ଓ ଟ୍ରାନ୍ସଫର୍ମର ପରିବର୍ତ୍ତନ ହେଉ ନ ଥିବା ନେଇ କର୍ପୋରେଟର ଦୁର୍ଗା କୁମାର ଲାୟକ କହିଥିଲେ। ତ୍ରୁଟିପୂର୍ଣ୍ଣ ଓ ସ୍ମାର୍ଟ ମିଟରକୁ ନେଇ କର୍ପୋରେଟରମାନେ ଟିପିଏସଓଡିଏଲ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ସହରରେ ଭୂତଳ ବିଦ୍ୟୁତ ସଂପର୍କରେ ଏମପି ପଚାରିଥିଲେ। ଟିପିଏସଓଡିଏଲ ଚିଫ କମର୍ସିଆଲ ଅଧିକାରୀ ବିଜୟ ପ୍ରକାଶ ଶର୍ମା ନରେନ୍ଦ୍ରପୁର ଗ୍ରୀଡରୁ ଏମକେସିଜି, ସିଟି ହସ୍ପିଟାଲକୁ ଭୂତଳ ବିଦ୍ୟୁତ କାର୍ଯ୍ୟ ଆରମ୍ଭ ହୋଇଛି। ଖଲିକୋଟ ବିଶ୍ୱବିଦ୍ୟାଳୟ ଏବଂ ଓମ ବିହାରଠାରେ ସବ ଷ୍ଟେସନ ନିର୍ମାଣ ପାଇଁ ଯୋଜନା ରହିଛି। ବାହାନା ଓ ସାପୁଆ ନାଳ ସଫେଇ ହେଉ ନ ଥିବା ନେଇ କର୍ପୋରେଟର ସମୀର ମିଶ୍ର ଅଭିଯୋଗ କରିଥିଲେ। ସହରରେ ଜବର ଦଖଲ ଉଚ୍ଛେଦ ପାଇଁ ଟ୍ରାଫିକ ଅଧିକାରୀଙ୍କୁ କୁହାଯାଇଥିଲା। ଗାନ୍ଧୀନଗର ଉପର ରାସ୍ତାରେ ବସ ପାର୍କିଂ ଓ ଫାଷ୍ଟ ଫୁଡ ଦୋକାନ ଉଚ୍ଛେଦ ପାଇଁ ଦାବି ହୋଇଥିଲା। ଗୋସାଣୀ ନୂଆ ଗାଁ ଥାନା ସମ୍ମୁଖରେ ଏକ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଯୋଜନା ଥିବା ମେୟର କହିଥିଲେ। ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ଅବହେଳା କରାଯାଉଥିବା କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ଅଭିଯୋଗ କରିଥିଲେ। ଏହି ପ୍ରମାଣପତ୍ର ୭ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ଏମପି ନିର୍ଦ୍ଦେଶ ଦେଇଥିଲେ। ହରିଶଚନ୍ଦ୍ର ଯୋଜନାରେ ଟଙ୍କା ଠିକ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ମନ୍ତ୍ରୀ ଅଧିକାରୀଙ୍କୁ ଏନେଇ ତାଗିଦ କରିଥିଲେ। ଡ୍ରେନରେ ମଶାମରା ତେଲ ଠିକ ପକାଯାଉ ନଥିବାରୁ ମଶା ବଂଶ ବୃଦ୍ଧି ପାଉଥିବା ନେଇ କର୍ପୋରେଟରମାନେ ଅଭିଯୋଗ କରିଥିଲେ। ୪୨ ୱାର୍ଡ ପାଇଁ ମଶାମରା ତେଲ ସିଞ୍ଚନ ମେସିନ, ଫଗିଂ ମେସିନ ଓ ଟିଫା ମେସିନ କିଣାଯିବାକୁ କମିଶନର ପରାମର୍ଶ ଦେଇଥିଲେ। ବୈଠକରେ ନିଗମର ସମସ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଙ୍କୁଲି ହସ୍ପିଟାଲରୁ ଚୋରି

ବ୍ରହ୍ମପୁର,୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଆଙ୍କୁଲିରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରୁ ତମ୍ବା ତାର ଚୋରି ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଭିଯୋଗ ଅନୁସାରେ ଉକ୍ତ ହସପିଟାଲର ଆଉଟଡୋରରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲାଗିଛି। ତେବେ ଗତ ୮ ତାରିଖ ମଧ୍ୟରାତ୍ରରେ କେହି ଦୁର୍ବୃତ୍ତ ଏଥିରୁ ତମ୍ବା ତାର ଚୋରାଇ ନେଇଛନ୍ତି। ସିସି କ୍ୟାମେରାରେ ପ୍ରାୟ ରାତି ୧ଟାରେ ଚୋରି ହୋଇଥିବା ଦୃଶ୍ୟ କଏଦ ହୋଇଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କୁହାଯାଇଛି। ମେଡିକାଲ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ପୋଲିସ ନଂ. ୩୨୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର ୧୨।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଓକିଲ ସଂଘର ସଦସ୍ୟ ଅଶୋକ କୁମାର ବେହେରା (୫୧)ଙ୍କ ଶୁକ୍ରବାର କିଡନୀଜନିତ ସମସ୍ୟାରୁ ପରଲୋକ ହୋଇଛି। ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ସେ ଗଞ୍ଜାମ ଓକିଲ ସଂଘର ଜଣେ ସଦସ୍ୟ ଥିଲେ। ସଂଘ ଉପ ସଭାପତି ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ସଂଘ ବନ୍ଧୁ ଆଇନଜୀବୀଙ୍କୁ ଅକାଳରେ ହରାଇଛି ବୋଲି ସଂଘ ଉପ ସଭାପତି କହିଛନ୍ତି। ସଂଘ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ବେହେରା, ଆଇନଜୀବୀ ମୋହନ ସିଙ୍ଗାରି, ପ୍ରସାଦ ରାଓ, ଅଶ୍ୱିନୀ ମହାପାତ୍ର, ସୁଧୀର ମିଶ୍ର, ଶ୍ୟାମକାନ୍ତ ଜେନା, ସୁଦର୍ଶନ ସେଠୀ, କରୁଣାକର ପାଣିଗ୍ରାହୀ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶୁକ୍ରବାର ଦୁଇ ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

### ଗୃହ ବିଜ୍ଞାନ ବିଭାଗରେ ବିଶ୍ୱ ଜନସଂଖ୍ୟା ଦିବସ

ବ୍ରହ୍ମପୁର,୧୨।୭(ସ୍ୱାଧୀନଶେଖରପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଦିବସର ଗୁରୁତ୍ୱକୁ ଛାତ୍ରୀମାନେ ପୋଷ୍ଟର ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ପରିବାର ନିୟନ୍ତ୍ରଣର ଗୁରୁତ୍ୱ, ଲିଙ୍ଗଗତ ସମନତା, ମା 'ର ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ଼ ସସ୍ମିତା ବେହେରା, ଅଧ୍ୟାପିକା ଅଲିତା ମିଞ୍ଜ ଏବଂ ଡ଼ ଅନିତା ପାଣ୍ଡେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଇସାଣି ସାମନ୍ତରାୟ ଏବଂ ସି. ଏଚ. ରୋଜା ପ୍ରଥମ, ଦୀପା ରାଇକା ଦ୍ୱତୀୟ ଓ ସଂଗୀତା ପ୍ରିୟଦର୍ଶନୀ ବିଶ୍ୱାଳ, ବର୍ଷା ରଣା ତୃତୀୟ ପୁରସ୍କାର ପାଇଥିଲେ।

### ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

ଛତ୍ରପୁର,୧୨।୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ ):

ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଅଗସ୍ତିନୂଆଗାଁ ଗ୍ରାମର ଚାରିଛକଠାରେ ସଙ୍କଟମୋଚନ ହନୁମାନଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ସହ କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ଏହି ମନ୍ଦିର ନିର୍ମାଣ ସକାଶେ ଅଗସ୍ତିନୂଆଗାଁ ଗ୍ରାମବାସୀଙ୍କ ବହୁଦିନର ଆଶା ଥିଲା। ଗ୍ରାମବାସୀଙ୍କ ସମ୍ମତିକ୍ରମେ ପଣ୍ଡିତ ଅଶୋକ ଶତପଥୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସୁମନ ପୂଜାପଣ୍ଡା ସାମନ୍ତଙ୍କ ସହଯୋଗ ଓ ମନ୍ଦିର ଶିଳ୍ପୀ ସନ୍ତୋଷ କୁମାର ମହାରଣାଙ୍କ ଉପସ୍ଥିତିରେ ଭୂମି ପୂଜା କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ବୟୋଜ୍ୟେଷ୍ଠ ମୁରଲୀ ପଲାଇ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଭୂମି ପୂଜନ ଓ ମନ୍ଦିର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କାର୍ଯକ୍ରମରେ ଅଗସ୍ତିନୂଆଗାଁ ଗ୍ରାମର ବୟୋଜ୍ୟେଷ୍ଠ, ଯୁବକ, ମହିଳା ଓ ସଙ୍କୀର୍ତ୍ତନମଣ୍ଡଳୀ ଉପସ୍ଥିତ ରହିଥିଲେ।

## ପୃଥକ୍ ଦୁର୍ଘଟଣାରେ ୩ ମୃତ

ଭଞ୍ଜନଗର/ଛତ୍ରପୁର,୧୨।୭
(ବାବୁଲା ପ୍ରଧାନ/ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ଶୁକ୍ରବାର ପୃଥକ୍ ସ୍ଥାନରେ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଛି। ଭଞ୍ଜନଗର ଅଞ୍ଚଳରେ ହୋଇଥିବା ଦୁର୍ଘଟଣାରେ ଭଞ୍ଜନଗରର ବୁଲୁ ନାୟକ ଓ କନ୍ଧମାଳ ଜିଲା ବାଲିଗୁଡ଼ାର ହୋଟେଲ ମାଲିକ ବବୁଲୁ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଛି। ବୁଲୁ ଟ୍ରାକ୍ଟର ନେଇ ଯାଉଥିବା ବେଳେ ରାତି ପ୍ରାୟ ସାଢ଼େ ୯ଟାରେ ଭଞ୍ଜନଗର ଗାଲେରି ରାସ୍ତାର ସୋରିଷମୁଳି ସେତୁ ତଳକୁ ଗାଡ଼ି ଓଲଟି ପଡିଥିଲା। ସେ ସମୟରେ ସେହି ରାସ୍ତାରେ ଯାଉଥିବା ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିଭଳି ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ବାଲିଗୁଡ଼ାର ହୋଟେଲ ମାଲିକ ବବୁଲୁ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଛି। ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ୍‌କୁ ପଠାଇଛି। ଛତ୍ରପୁର ଥାନା ଅନ୍ତର୍ଗତ ବଉଳଗାଁ ସ୍ଥିତ ସନ୍ତୋଷୀ ମା' ମନ୍ଦିର ନିକଟରେ ଟ୍ରାକ୍ଟର ସହ ବାଇକ୍ ଧକ୍କା ହେବାରୁ ଖୁରୀଗାଁର ମିଥୁନ ନାହାକଙ୍କ ମୃତ୍ୟୁ ହୋଇଛି। ସେ ରମେଶ ନାହାକଙ୍କ ବାଇକ୍‌ରେ ଲିଫ୍ଟ ମାଗି ଯାଉଥିଲେ।

## ୧୦ ମୋବାଇଲ ଫୋନ୍ ଜବତ, ୩ ଗିରଫ

ବ୍ରହ୍ମପୁର, ୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ୩ ମୋବାଇଲ ଲୁଟିଆଙ୍କୁ ବାନ୍ଧିଛି। ସେମାନେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଠାରୁ ଲୁଟ କରୁଥିଲେ। ସେମାନେ ହେଲେ ରାୟଗଡା ଜିଲା ପଦ୍ମପୁର ଥାନା କମାପଦର ଗ୍ରାମର ବନମାଳୀ ସାହୁ(୩୯), ବ୍ରହ୍ମପୁର ପୋଲିସ ଜିଲା ବଡବଜାର ଥାନା ହାଉସିଂବୋର୍ଡ଼ର ଶିବରାମ ସେଠୀ(୩୯) ଓ ଗୋପାଳପୁର ଥାନା ଆମ୍ବପୁଆ ବସନ୍ତ ବିହାର ୨ୟ ଲାଇନର ରଜତ କୁମାର ସ୍ୱାଇଁ (୨୮)। ମାଷ୍ଟରମାଇଣ୍ଡ ରଜତଙ୍କ ନିକଟରୁ ପୋଲିସ ୫ ମୋବାଇଲ, ବନମାଳୀଙ୍କ ପକେଟରୁ ୩ ଓ ଶିବରାମଙ୍କ ନିକଟରୁ ୨ ମୋବାଇଲ ଜବତ କରିଛି। ବନମାଳୀ ତାଙ୍କ ୨ ସହଯୋଗୀଙ୍କ ସହାୟତାରେ ଟ୍ରେନ ଯାତ୍ରୀଙ୍କୁ ଟାର୍ଗେଟ କରି ମୌକା ଦେଖି ଫୋନ ଓ ଟଙ୍କା ଚୋରି କରନ୍ତି। ଯଦି କେହି ପ୍ରତିବାଦ କରେ ତେବେ ଆକ୍ରମଣ କରିବାକୁ ପଛାଉ ନଥିବା ଜେରା ବେଳେ ସେମାନେ ସ୍ୱୀକାର କରିଛନ୍ତି। ନଂ.୬୦/୨୪ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ଅପରାହ୍ନରେ ବ୍ରହ୍ମପୁର ପ୍ଲାଟଫର୍ମରେ କେତେକ ଯୁବକ ଇଷ୍ଟକୋଷ୍ଟ ଟ୍ରେନରୁ ଓହ୍ଲାଉଥିବା ଯାତ୍ରୀଙ୍କ ମୋବାଇଲ ଚୋରି କରୁଥିବା ରେଳବାଇ ସୁରକ୍ଷା ବଳ କର୍ମଚାରୀ ଜାଣିବାକୁ ପାଇଥିଲା। ଏନେଇ ଜିଆରପିଙ୍କୁ ଖବର ମିଳିଥିଲା । ପୋଲିସକୁ ଦେଖି ଲୁଟିଆ ଦଳ ସେଠାରୁ ଖସି ପଳାଇବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ରଜତ ପ୍ରଥମେ ଟ୍ରେନରେ ନିଜକୁ ସବ କଲେକଟର ଓ ତାଙ୍କର ମୋବାଇଲ ଚୋରି ହୋଇଥିବା ଟ୍ରେନ ଟିଟିଙ୍କୁ କହିଥିଲେ। ହେଲେ ପୋଲିସ ତାଙ୍କୁ ଅଧିକ ପଚରା ଉଚରା ପରେ ସେ ଜଣେ ଡାକ୍ତରୀ ଛାତ୍ର ବୋଲି କହିଥିଲେ। ତାଙ୍କର ଏକ ମୋବାଇଲ ଚୋରି ହୋଇଯିବା ପରେ ସେ ଅନ୍ୟମାନଙ୍କ ମୋବାଇଲ ଚୋରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ପୋଲିସ ନିକଟରେ କହିଥିଲେ। ପୋଲିସ ଏବେ ସେ ଦିଗରେ ତଦନ୍ତ କରୁଛି। ସେହିପରି ବନମାଳୀ ଜଣେ ପେଷାଦାର ଅପରାଧୀ ଓ ଶିବରାମ ଷ୍ଟେସନରେ ଜଣେ ଅଟୋ ଚାଳକ ବୋଲି ଜଣାପଡିଛି।

## ଓଡ଼ିଆ, ଉଦ୍ଭିଦ ବିଜ୍ଞାନ ପାଠଚକ୍ର

ବ୍ରହ୍ମପୁର,୧୨।୭(ସ୍ୱାଧୀନଶେଖରପାଢୀ)

ମହାମାୟୀ ମହିଳା କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଓଡିଆ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଫକୀର ମୋହନ ସେନାପତୀଙ୍କ 'ଛ ମାଣ ଆଠଗୁଣ୍ଠ'ରେ ସାମାଜିକ ଚିତ୍ର ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କଲେଜ ଅଧ୍ୟକ୍ଷା କବିତା ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରବନ୍ଧପାଠ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ତୃତୀୟ ବର୍ଷ ଛାତ୍ରୀ ରମାଭାରତୀ ପଣ୍ଡା ପ୍ରବନ୍ଧ ପାଠ କରିଥିଲେ । ଓଡିଆ ବିଭାଗ ମୁଖ୍ୟ ଅଧାପିକା ଡ.ସୁଜାତା ତ୍ରିପାଠୀ, ଅଧାପକ ତପନ କୁମାର ମାଝୀ, ଅଧାପିକା ଧରିତ୍ରୀ ସାହୁ ଉପସ୍ଥିତ ଥିଲେ । ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ପାଠଚକରେ ଅଧକ୍ଷା ଅଧକ୍ଷତା କରିଥିଲେ। ପ୍ରଜନନ ଜୀବବିଜ୍ଞାନ ଶୀର୍ଷକ ଉପରେ ପାଠଚକ୍ରଟି ହୋଇଥିଲା । ଶେଷ ବର୍ଷର ସମସ୍ତ ଛାତ୍ରୀ ସନ୍ଦର୍ଭ ପାଠ କରିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ବିଭାଗୀୟ ମୁଖ୍ୟା ଡ.ଅମିତା କୁମାରୀ ପଣ୍ଡା, ଅଧାପିକା ଡ.ସ୍ୱର୍ଣ୍ଣଲତା ପଟ୍ଟନାୟକ, ସବିତା ବାରିକ ବିଷୟ ଉପରେ ଆଲୋଚନା କରିଥିଲେ । ଡେମନଷ୍ଟ୍ରେଟର ପ୍ରିୟଦର୍ଶିନୀ ମେକାପ, ସେମିନାର ସମ୍ପାଦିକା ରେଶମା ସାମନ୍ତ ଓ ଆରାଧାନା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ଶେରଗଡ଼ରେ ଠାକୁରଙ୍କ ବେଶ ଦେଖିବାକୁ ଭିଡ଼


ଶେରଗଡ଼ଠାରେ ଆଡ଼ପ ମଣ୍ଡପରେ ଠାକୁରଙ୍କ କାଳୀୟଦଳନ ଓ ପର୍ଶୁରାମ ବେଶ।

ଶେରଗଡ,୧୨।୭
(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ରଥଯାତ୍ରାରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦେଖିବାକୁ ଆଖପାଖ ଗ୍ରାମର ଜନସାଧାରଣ ଛୁଟି ଆସୁଛନ୍ତି। ଶୁକ୍ରବାର ବଡ଼ଠାକୁର ବଳଭଦ୍ରଙ୍କୁ ପର୍ଶୁରାମ ବେଶରେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କାଳୀୟଦଳନ ବେଶରେ ଦର୍ଶନ ଦେଇଛନ୍ତି। ନରସିଂହ ପଣ୍ଡା, ସୂର୍ଯ୍ୟନାରାୟଣ ପଣ୍ଡା ଠାକୁରଙ୍କୁ ବେଶ କରିଥିବା ବେଳେ ଏହା ଦେଖିବାକୁ ପ୍ରବଳ ଭିଡ଼ ଲାଗିଛି।

## ମନୋବଳ ଦୃଢ ରହିଲେ ସଫଳତା ପ୍ରାପ୍ତି ହେବ

ଆସିକା,୧୨।୭(ସୁରେନ୍ଦ୍ର ନାଥ ସାହୁ):



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମହାବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ମୁଖ୍ୟ ଅତିଥି, ପ୍ରଫେସର ମେଜର ରମାରମଣ ପାଢୀ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ଓ ଡ. ଅଭୟ କେଶରୀ ପରିଚ୍ଛାପଟ୍ଟନାୟକ ଯୋଗଦେଇଥିଲେ । ଛାତ୍ରୀଛାତ୍ରମାନେ ଧୈର୍ଯ୍ୟହରା ନ ହୋଇ ଘାତ ପ୍ରତିଘାତକୁ ଦୃଢ ମନୋବଳ ସହ ସାମନା କରିପାରିଲେ ସଫଳତା ପ୍ରାପ୍ତି କରିପାରିବେ ଅତିଥିମାନେ କହିଥିଲେ। ମୁଖ୍ୟବକ୍ତା ପାଢୀ ଏହି କଲେଜ ଇତିହାସ ସମ୍ପର୍କରେ କହି ଥିଲେ ଯେ, ତତ୍କାଳୀନ ବିଧାୟକ ହରିହର ଦାଶ, ଏମପି ଦୂତୀକୃଷ୍ଣ ପଣ୍ଡାଙ୍କ ପ୍ରଚେଷ୍ଟା ଏବଂ ସେ ସମୟରେ ଚିନିଶିଳ୍ପକୁ ଆଖୁ ଯୋଗାଉଥିବା ଚାଷୀଙ୍କ ବିଲରୁ ଟନ ପିଛା ୧ଟଙ୍କା ଲେଖାଏଁ ଅନୁଦାନ ସଂଗ୍ରହ କରାଯାଇ ଏହି କଲେଜ ପ୍ରତିଷ୍ଠା କିଭଳି ହୋଇଥିଲା ତାର ସୂଚନା ଦେଇଥିଲେ । ଛାତ୍ରୀଛାତ୍ର କଲେଜର ପୂର୍ବ ଗୌରବକୁ ବଜାୟ ରଖିବା ଲାଗି ପ୍ରୟାସ କରିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ କଲେଜ ସ୍ତରରେ ଶୀର୍ଷସ୍ଥାନ ହାସଲ କରିଥିବା ଯୁକ୍ତ ବିଜ୍ଞାନ, କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ୪ଜଣ ଛାତ୍ରୀଛାତ୍ର ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରରେ ଶୀର୍ଷସ୍ଥାନ ହାସଲ କରିଥିବା ୨୧ଜଣ କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ କୁମାର ସାହୁ, ଅଜିତ କୁମାର ମୁନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ

ବ୍ରହ୍ମପୁର,୧୨।୭(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ବର୍ଷର ଛାତ୍ରୀମାନେ ବୃକ୍ଷ ରୋପଣ କରିଥିଲେ। ଏହାର ଯତ୍ନ ନେବେ ବୋଲି ଶପଥ ନେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ଼ ସସ୍ମିତା ବେହେରା ଓ ଅଧ୍ୟାପିକା ଅଲିତା ମିଞ୍ଜ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ୬ ଗରିବ ପିଲାଙ୍କ ବ୍ରତୋପନୟନ


କାର୍ଯ୍ୟକ୍ରମରେ ଉପସ୍ଥିତ ସଂଗଠନ ସଦସ୍ୟଙ୍କ ସହ ନୂତନ ବ୍ରହ୍ମଚାରୀ।

ବ୍ରହ୍ମପୁର,୧୨।୭(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ୬ ଗରିବ ପିଲାଙ୍କୁ ନେଇ ଏକ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହିଲପାଟଣା ସିଦ୍ଧିବିନାୟକ କଲ୍ୟାଣ ମଣ୍ଡପରେ ହୋଇଯାଇଛି। ସଂଗଠନର ସଭାନେତ୍ରୀ ରଞ୍ଜନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ନିମନ୍ତ୍ରିତ ଅତିଥିଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ନବୀନ ବ୍ରହ୍ମଚାରୀଙ୍କ ପରିଭ୍ରମଣରେ ରବୀନ୍ଦ୍ର ନାଥ ମିଶ୍ର, ବିଜୟ କୃଷ୍ଣ ମହାନ୍ତି,ଅଲେଖ ପାଳ, ସୋନମ ଦାସ, ବିଶ୍ୱନାଥ ପାତ୍ର, ପ୍ରଦୀପ କୁମାର ସେଠୀ,ତରୁଣ କୁମାର ପାଢ଼ୀ, ପ୍ରିତମ ଚାନ୍ଦ ତ୍ରିପାଠୀ, ମୁରଲୀ ମୋହନ ଆଚାର୍ଯ୍ୟ, କେ. ଗୁରୁ ମୂର୍ତ୍ତି, ଡଃ ଗୁଣା କାର ରଥ,ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## କପର-ଟି ପ୍ରତିରୋପଣରେ ଗଞ୍ଜାମ ୨ୟ



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର, ୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ଗଞ୍ଜାମ ଜିଲା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଅବାଞ୍ଛିତ ଗର୍ଭଧାରଣ ରୋକିବାକୁ ପ୍ରସବ ପରବର୍ତ୍ତୀ ସମୟରେ ପ୍ରସୂତିଙ୍କ ଠାରେ କପର-ଟି ପ୍ରତିରୋପଣ କରି ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମା ଶଙ୍କର ମିଶ୍ରଙ୍କୁ ପୁରସ୍କୃତ କରିଛନ୍ତି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ। ଡା.ମିଶ୍ର ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍‌କୁ ସେ ଶ୍ରେୟ ଦେଇଛନ୍ତି। ଜିଲାରେ ୪୦ ହଜାର ପ୍ରସବ ହୋଇଥିବା ବେଳେ ୧୩ ହଜାର ପ୍ରସୂତିଙ୍କୁ ପ୍ରସବ ପରବର୍ତ୍ତୀ (କପର-ଟି) ପ୍ରତିରୋପଣ କରାଯାଇଛି।

## ସରକାରୀ ଜମି ଜବରଦଖଲକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

**ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ**



ଛତ୍ରପୁର,୧୨।୭(ଦିଲୀପ ସାମଲ):

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୯ ତହସିଲ ଅଧୀନରେ ୨୩ଟି ଗ୍ରାମରେ ହାଇଟେକ ସର୍ଭେ ଚାଲିଛି। ତାହା ତୁରନ୍ତ ସାରିବାକୁ ବୈଠକରେ ତହସିଲଦାରମାନଙ୍କୁ ଜିଲାପାଳ କହିଥିଲେ। ସହରାଞ୍ଚଳ, ଗ୍ରାମାଞ୍ଚଳରେ ଯିଏ ବି ସରକାରୀ ଜମି ଜବଲଦଖଲ କରି ରଖିଛନ୍ତି ତୁରନ୍ତ ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିବାକୁ କୁହାଯାଇଛି। ଭୂମିହୀନ ପରିବାରକୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ଜମି ଯୋଗାଇ ଦିଆଯିବ। ତେଣୁ ଜିଲାରେ କେତେ ସଂଖ୍ୟକ ଭୂମିହୀନ ପରିବାର ରହିଛନ୍ତି ତାହା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦୁଇ ହଜାର ସିକିମ ସ୍ୱତ୍ତ୍ୱଧାରୀ ଚାଷୀମାନଙ୍କ ସ୍ଥିତିବାନ ପଟ୍ଟା ତୁରନ୍ତ ସେଟେଲମେଣ୍ଟ କରିବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ୨୧ ହଜାର ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଦେବବ୍ରତ ସାହୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାରେ ୫୬ଟି ନୂଆ ରାଜସ୍ୱ ଗ୍ରାମ ଚିହ୍ନଟ ହୋଇଥିବା ବେଳେ ସେଗୁଡିକ ଭୁଲେଖ ଅପଲୋଡ କରିବା, ୧୨ଟି ନୂଆ ଆରଆଇ କାର୍ଯ୍ୟାଳୟ କାମ ତୁରନ୍ତ ସାରିବାକୁ କୁହାଯାଇଛି। ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟକୁ ପୂରଣ କରିବା, ଜିଲାରେ ବେଆଇନ ମଦ କାରବାର ରୋକିବା ପାଇଁ ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି ।ସେହିପରି ସଡକ ଦୁର୍ଘଟଣା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ଅଧିକରୁ ଅଧିକ ଏନଫୋର୍ସମେଣ୍ଟ କରିବାକୁ କୁହାଯାଇଥିଲା ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ, ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ, ସମସ୍ତ ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୬ ଆହତ

ଧରାକୋଟ,୧୨।୭
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ପଞ୍ଚାୟତର ଭଣ୍ଡାରି ବସା ଗ୍ରାମର ମରାଠୀ ଓ ଡବୁଡୁବା ସମ୍ପ୍ରଦାୟ ମଧ୍ୟରେ ଶୁକ୍ରବାର ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ତିନିଜଣ ଲେଖାଏ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଡୁବୁଡୁବା ସମ୍ପ୍ରଦାୟର ଜେ ଶିବାନୀ ପାତ୍ର, ଜେ ସାବିତ୍ରୀ ପାତ୍ର, ଜେ ରଶ୍ମିତା ପାତ୍ର ଓ ମରାଠୀ ସମ୍ପ୍ରଦାୟର ଜେ ଶିଳ୍ପା ରାଓ, ଜେ ଶଙ୍କର ରାଓ, ଜେ ସୁଶୀଳା ରାଓ। ଆହତଙ୍କ ମଧ୍ୟରୁ ଜେ. ରଶ୍ମିତା ଓ ଜେ. ଶଙ୍କରଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ଭଣ୍ଡାରି ବସା ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି।

ପ୍ରକାଶ ଯେ, ଭଣ୍ଡାରି ବସା ନିକଟ ଋଷିକୁଲ୍ୟା କେନାଲ ନିକଟରେ ଉଭୟ ସମ୍ପ୍ରଦାୟର ୯ଟି ପରିବାର ବାସ କରୁଛନ୍ତି। ଗୁରୁବାର ଡବୁଡୁବା ସମ୍ପ୍ରଦାୟର ଜେ ରବି ଥାନାରେ ଦେଇଥିବା ଲିଖିତ ଅଭିଯୋଗ ପ୍ରକାରେ, ଗତ ବୁଧବାର ସେ ଧରାକୋଟ ବ୍ଲକକୁ ନିଜର ସ୍ତ୍ରୀ ନାମରେ ତାଲିକା ଭୁକ୍ତ ହୋଇଥିଲେ ମଧ୍ୟ ଆବାସ ଯୋଜନାର ଗୃହ ମିଳୁନଥିବା ସମ୍ପର୍କରେ ବୁଝିବାକୁ ଆସିଥିଲେ। ଏହି ସମୟରେ ମୁଣ୍ଡମରାଇ ଗ୍ରାମର କେତେଜଣ ଯୁବକ ତୁ କାହିଁକି ଆସି ଅଭିଯୋଗ କରୁଛୁ ବୋଲି ପଚାରିଥିଲେ। ଏହା ପରେ ବୁଧବାର ସନ୍ଧ୍ୟାରେ ପୁଣି ସେହି ଯୁବକମାନେ ରବିଙ୍କ ଘର ନିକଟକୁ ଆସି ଗାଳିଗୁଲଜ କରିବା ସହ ପୁଣି ଅଭିଯୋଗ କଲେ ମାରିଦେବାକୁ ଧମକ ଦେଇଥିଲେ। ଅପରପକ୍ଷରୁ ଶୁକ୍ରବାର ସକାଳେ ରବିଙ୍କ ସମେତ ପ୍ରାୟ ୫ରୁ ଅଧିକ ବ୍ୟକ୍ତି ଶଙ୍କରଙ୍କ ଘର ନିକଟକୁ ଆସି ନାଏବ ସରପଞ୍ଚଙ୍କ ନାମ ଧରି ଗାଳିଗୁଲଜ କରି ଶଙ୍କରଙ୍କୁ ଠେଙ୍ଗା ଓ କାଠ ଫାଳିଆରେ ଆକ୍ରମଣ କରିଥିଲେ। ବାପାଙ୍କୁ ରକ୍ଷା କରିବା ପାଇଁ ଝିଅ ଶିଳ୍ପା ଓ ସୁଶୀଳା ରାଓ ଆସିବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ ବୋଲି ଶିଳ୍ପା ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଧରାକୋଟ ଥାନା ଦାୟିତ୍ୱରେ ଥିବା ସୋରଡ଼ା ପୋଲିସ ଓ ଆସିକା ଉପଖଣ୍ଡ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଧରାକୋଟ ଥାନାରେ ନଂ.୨୨୭/୨୪,୨୨୯/୨୪ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଅନ୍ୟପଟରେ ଗତ ୧୦ ତାରିଖରେ ଧରାକୋଟ ବ୍ଲକ ସମ୍ମୁଖରେ ମୁଣ୍ଡମରାଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ମାର ପିଟ ହୋଇଥିଲା। ଏହି ଘଟଣାକୁ ନେଇ ଧରାକୋଟ ଥାନାରେ ୧୮ ଜଣ ଯୁବକଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ନଂ. ୨୨୬/୨୪ ପ୍ରକାରେ ମାମଲା ରୁଜୁ କରିଛି।

## ଗଛରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଛତ୍ରପୁର,୧୨।୭(ଦିଲ୍ଲୀପ ସାମଲ)–ଚମାଖଣ୍ଡି ଥାନା ଅନ୍ତର୍ଗତ ତଳ ପୁଟ ବଗଡ଼ ଗ୍ରାମରେ ଶୁକ୍ରବାର ଆମ୍ବ ଗଛରୁ ପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତଳ ପୁଟବଗଡ଼ ଗ୍ରାମର ନରୋତ୍ତମ ପ୍ରଧାନ (୬୫) ବୋଲି ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ କହିଛନ୍ତି। ନରୋତ୍ତମ ପନିପରିବାର ଚାଷ କରୁଥିବା ବେଳେ ମାଙ୍କଡ଼ଙ୍କ ଉପଦ୍ର ଲାଗି ଭୟରେ ଏକ ଆମ୍ବ ଗଛ ଉପରେ ଚଢ଼ି ପକାଇଥିଲେ। କିନ୍ତୁ ଗଛର ଡାଳ ଭାଙ୍ଗି ଯିବାରୁ ନରୋତ୍ତମ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଛତ୍ରପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

LEPRA SOCIETY
Requires M&E-cum -Accountant for Target Intervention (IDU) Project, Bhubaneswar. Qualification: B.Com. or above with minimum 2Yr. experience with Social Development. Salary: Rs.16,000/- (P.M.). Apply to: hrd@leprahealthinaction.in by 16.07.2024. For apply detail visit: www.leprasociety.in.
(Apply with reference number mention in website).

ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା ୧୦୦୦୦/- ଏବଂ ରହିବା ଓ ଖାଇବା ମାଗଣା।
ଯୋଗାଯୋଗ – 7809525452

See Career Appointment on every Wednesday & Saturday

REQUIREMENT
For a Construction Site (Experienced Only)
SITE SUPERVISOR
Mob.: 8338905555
sitekhorda@gmail.com

# ଲଙ୍କେଶ୍ୱରୀ ପାହାଡ଼ର ବିକାଶ କରାଯିବ

## ପରିଦର୍ଶନ କଲେ ବିଧାୟକ, ଡିଏଫ୍ଓ

ଭଞ୍ଜନଗର,୧୨।୭(ବାବୁଲା ପ୍ରଧାନ):

ଭଞ୍ଜନଗର–ଦଶପଲ୍ଲା ଜାତୀୟ ରାଜପଥର ତିଳିସିଙ୍ଗି ଠାରେ ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଲଙ୍କେଶ୍ୱରୀ ପାହାଡର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଲଙ୍କେଶ୍ୱରୀ ପାହାଡ ପରିଦର୍ଶନ କରିଥିଲେ। ଉକ୍ତ ପାହାଡ଼ ପର୍ଯ୍ୟଟକମାନଙ୍କ ପାଇଁ କିଭଳି ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରେ ବର୍ତ୍ତମାନ ଏକ ୱାଚ୍ ଟାୱାର ସହ ଗେଷ୍ଟ ହାଉସ ନିର୍ମାଣ କିଭଳି ହୋଇପାରିବ ସେ ନେଇ ବିଧାୟକ ନାୟକ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପାହାଡ଼ରେ ଥିବା ଲଟାବୁଦାକୁ ତୁରନ୍ତ ସଫା କରାଗଲେ ସମ୍ପୂର୍ଣ୍ଣ ଅଞ୍ଚଳ ପରିଦର୍ଶନ ପରେ ଏହାର ପୂର୍ଣ୍ଣାଙ୍ଗ ବିକାଶ କିଭଳି ହେବ ସେ ନେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ବିଧାୟକ କହିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ସମିତିସଭ୍ୟ ସୁବାସ ପ୍ରଧାନ, ଗାଲେରି ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ର, ତିଳିସିଙ୍ଗି ସେବା ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ କୁମାର ଦିହୁଡ଼ି (ଟୁନା), ବନରକ୍ଷୀ ଧନୁର୍ଦ୍ଧର ବେହେରା, ସାମାଜିକ କର୍ମୀ ପଦ୍ମଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଲଙ୍କେଶ୍ୱରୀ ପାହାଡର ଚତୁପାର୍ଶ୍ୱରେ ଚାରାରୋପଣ ଚାଲିଛି। ତେଣୁ ଉକ୍ତ ପାହାଡ଼କୁ ଇକୋ ଟୁରିଜିମ୍‌ରେ ସାମିଲ କରିବା ଦାବି ନେଇ ଶୁକ୍ରବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏଭଳି ସ୍ଥିତିରେ ବିଧାୟକ ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ପାହାଡ଼ର ଉନ୍ନତିକରଣ ହେବ ବୋଲି ଆଶା କରାଯାଉଛି।


ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଲଙ୍କେଶ୍ୱରୀ ପାହାଡ ପରିଦର୍ଶନ କରୁଛନ୍ତି।

# ମୁକ୍ଳା ଡ୍ରେନ୍‌ରେ ପଡ଼ି ଶ୍ରମିକଙ୍କ ମୃତ୍ୟୁ, କାର୍ଯ୍ୟାନୁଷ୍ଠାନ ଦାବି

ପୁରୁଷୋତ୍ତମପୁର,୧୨।୭(ସିମାଞ୍ଚଳ ମିଶ୍ର)

ରାଜଧାନ ଭୁବନେଶ୍ୱର ଭଳି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ଛକଠାରେ ପୂର୍ତ୍ତବିଭାଗ ଠିକାଦାରଙ୍କ ଦାୟିତ୍ୱହିନତାରୁ ମୁକୁଳା ଡ୍ରେନରେ ପଡି ଗୁରବାର ରାତିରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ପିଚ୍ଛୁଲି ଗ୍ରାମର କୁନା ବେହେରା (୫୫)। ଶୁକ୍ରବାର ସକାଳେ ଦମକଳବାହିନି ପହଞ୍ଚି ଡ୍ରେନରୁ କୁନାଙ୍କୁ ଉଦ୍ଧାରକରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ମୃତଦେହ ଜବତ କରିବା ନଂ. ୭/୨୪ରେ ଅପମୃତ୍ୟୁ ମାମାଲା ରୁଜୁକରି ତଦନ୍ତ ଚଳାଇଛି। କୁନା ଜଣେ ଦିନ ମଜୁରିଆ ହୋଇଥିବା ବେଳେ ସବୁଦିନ ଭଳି ନିଜର କାମସାରି ରାତିରେ ସାଇକେଲରେ ଘରକୁ ଫେରୁଥିଲେ। ମାତ୍ର ଅନ୍ଧାରରେ ଜାଣିନପାରି ରାସ୍ତାପାର୍ଶ୍ୱର ମୁକୁଳା ଡ୍ରେନ୍ ମଧ୍ୟରେ ପଡ଼ିଯାଇଥିଲେ। ତେଣୁ ତାଙ୍କୁ ତୁରନ୍ତ ସରକାର ଓ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବା ସହ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଲୋକେ ଦାବି କରିଛନ୍ତି। ଗତ ୨୦୨୨ଠାରୁ ପ୍ରାୟ ୧୦ କୋଟି ଟଙ୍କାରେ ତାରାତାରିଣି ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ଚାଲିଛି। ବ୍ରହ୍ମପୁର–ପୁରୁଷୋତ୍ତମପୁରକୁ ସଂଯୋଗ କରୁଥିବା ୩୨ ନମ୍ବର ରାଜ୍ୟ ରାଜପଥର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଡ୍ରେନ ଓ ରାସ୍ତା ନିର୍ମାଣର ଦୀର୍ଘଦିନ ବିତିଥିଲେ ସୁଦ୍ଧା ଡ୍ରେନ୍ ଉପରେ ପ୍ଲେଟ ପକାଯାଉନାହିଁ। ଅନ୍ୟପକ୍ଷରେ ରାସ୍ତା ଉପରେ ରହିଥିବା ବିଦ୍ୟୁତ ପୋଲମାନ ବାହାର କରାଯାଉନାହିଁ। ପ୍ରତ୍ୟହ ଏହି ରାସ୍ତାରେ ହଜାର ହଜାର ଗାଡିମୋଟର ଚଳାଚଳ କରୁଥିବା ବେଳେ ଏହି ମୁକୁଳା ଡ୍ରେନ୍ ଓ ପୋଲକୁ ନେଇ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ଏ ନେଇ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏହାର କାର୍ଯ୍ୟ ଦାୟିତ୍ୱ ନେଇଥିବା ସମ୍ପୃକ୍ତ ଏଜେନ୍ସିକୁ ମୁକୁଳା ଡ୍ରେନ ଉପରେ ପ୍ଲେଟ ପକାଇବା ସହ ବିଦ୍ୟୁତ ପୋଲକୁ ରାସ୍ତାରୁ ବାହାର କରିବାକୁ କୁହାଯାଇଥିଲେ ମଧ୍ୟ ସେମାନେ ଗୁରୁତ୍ୱ ଦେଉନଥିବା ପ୍ରକାଶ କରିଛନ୍ତି।

# ଚକ୍ଷୁ ହସ୍ପିଟାଲରୁ ନିଖୋଜ ବୃଦ୍ଧଙ୍କ ପତ୍ତା ମିଳିଲା

ଚିକିଟି,୧୨।୭(ପ୍ରକାଶ ଚନ୍ଦ୍ର ସାହୁ)

ଦିଗପହଣ୍ଡି ଥାନା ବି. ତୁରୁବୁଡି ପଞ୍ଚାୟତ ଝରିପଦର ଗ୍ରାମର ସୀମାଞ୍ଚଳ ସୁବୁଦ୍ଧି ଗତ ବୁଧବାର ଚିକିଟି ପେଣ୍ଠ ଜେଏସ ଚକ୍ଷୁ ହସ୍ପିଟାଲକୁ ପରଳ ଅସ୍ତ୍ରୋପଚାର ପାଇଁ ଆସିଥିଲେ। ତେବେ ସେ ହସ୍ପିଟାଲରୁ କେଉଁଆଡ଼େ ଚାଲିଯାଇଥିବା ଗୁରୁବାର ଭୋରରେ ତାଙ୍କ ପୁଅ ମନୋଜ ହସ୍ପିଟାଲକୁ ଆସିବା ପରେ ଜାଣିଥିଲେ। ବହୁ ଖୋଜା ଖୋଜି ପରେ ବାପାଙ୍କ ଖୋଜ ଖବର ନ ମିଳିବାରୁ ମନୋଜ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ସୀମାଞ୍ଚଳଙ୍କ ପତ୍ତା ମିଳିଛି। ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଏକ ଗଛ ମୂଳରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ବ୍ରହ୍ମପୁରର ଏକ ମେଡିକାଲରେ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଜଣାପଡିଛି।

# ବିନା ପଲ୍ଲିସଭାରେ ଘାସଚାଷ ଅଭିଯୋଗ

କୋଦଳା,୧୨।୭
(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ସୌରା ଛଟିନା ଏମଜିଏନଆରଇଜିଏସ ମାଧ୍ୟମରେ ଘାସ ଚାଷ ପାଇଁ ନିର୍ଦ୍ଦେଶ ହୋଇଛି। କିନ୍ତୁ ପଞ୍ଚାୟତରେ କୌଣସି ପଲ୍ଲୀସଭା ନକରି କିଛି ନିର୍ଦ୍ଦିଷ୍ଟ ପରିବାର ନାମରେ ଏହାର କାର୍ଯ୍ୟାଦେଶ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଗ୍ରାମର ବହୁ ବ୍ୟକ୍ତି ବ୍ଲକ ପରିସରରେ ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ଭେଟି ଅଭିଯୋଗ ସମ୍ପର୍କରେ ଆଲୋଚନା ପରେ ତଦନ୍ତ କରିବାକୁ ଦାବି କରିବା ସହ ଏକ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମର ସିମାଞ୍ଚଳ ନାୟକ, ମନୋରଞ୍ଜନ ନାୟକ, ଚରଣ ନାୟକ, ରାଜେନ୍ଦ୍ର ଡାକୁଆ, ବୁଲୁ ବିଶୋଇଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

Fusion Finance
ପୋଷ୍ଟ: RO/SR. RO
(ପୁରୁଷ / ମହିଳା)
ଯୋଗ୍ୟତା: ଦ୍ୱାଦଶ ପାସ୍ / ସ୍ନାତକ, ବୟସ: 18-35 ବର୍ଷ
ଦରମା: 14000/- ରୁ 15000/-, ପେଟ୍ରୋଲ୍: 4000/- + ପ୍ରୋତ୍ସାହନ 2000/- ରୁ 9500/- + ମାଗଣା ଆବାସ ଏବଂ ମେସ୍ ସୁବିଧା ଉପଲବ୍ଧ
ଡକ୍ୟୁମେଣ୍ଟ: ପାନ୍, ଆଧାର, ସ୍ମାର୍ଟ ଫୋନ୍, ଡ୍ରାଇଭିଂ ଲାଇସେନ୍ସ, ବାଇକ ଅନିରବାର୍ଯ୍ୟ
ସାକ୍ଷାତକାର: 13-14 ଜୁଲାଇ 2024, ସମୟ -10 ରୁ 5 ଟା
ଫ୍ୟୁଜନ୍ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍
HIG (B-42), ଅନନ୍ତ ବିହାର, ଦ୍ୱିତୀୟ ପର୍ଯ୍ୟାୟ, ଆୟଶା ଲେଡିଜ୍ ଟେଲର୍ ନିକଟରେ, PO: ପୋଖରୀପୁଟ, ବିବିଏସ୍ଆର୍, ଖୋର୍ଦ୍ଧା, ଓଡିଶା - 751020
ମୋବାଇଲ୍: 9599236900
ଗୌତମ ନଗର, ପ୍ରଥମ ଲାଇନ, ମହିଳା କଲେଜ ନିକଟରେ, ପୋ/ଜିଲ୍ଲା-ରାୟଗଡା ଓଡିଶା-765001
ମୋବାଇଲ୍: 9667993072
ରାଜନପାଲି, ବଟୁପାଲି HN-169/263, କଲେଜ ରୋଡ୍, ବୌଦ୍ଧ-762014
ମୋବାଇଲ୍: 9599612051
୨ୟ ମହଲା, ରୟାଲ୍ ଗ୍ରୀନ୍ କୋଶଳ, ପାଲେସ ଲାଇନ, ସ୍ପେସ୍ ଲାଇନ, ଇଣ୍ଡସ୍ ଇଣ୍ଡଷଇଣ୍ଡ ବ୍ୟାଙ୍କ, ବଲାଙ୍ଗୀର, ଓଡିଶା -767001
ମୋବାଇଲ୍: 9599612051
ତୁଳସୀଚଉରା ପୋ-ତୁଲାସିଚୁରା PS-ବାରିପଦା, ମୟୂରଭଞ୍ଜ ଓଡିଶା-757001
ମୋବାଇଲ୍: 9205089473
ସାକ୍ଷାତକାର: 14 ଜୁଲାଇ 2024, ସମୟ -10 ରୁ 5 ଟା
ହୋଟେଲ ଭାମା ଇନ୍
ଏନଏଚ:୬, ରିଲିଆନ୍ସ ପେଟ୍ରୋଲ ପମ୍ପ ପାଖ, ବାରେଇପଲ୍ଲୀ, ସମ୍ବଲପୁର
ମୋବାଇଲ୍: 7428659625
ହୋଟେଲ HCB
ଜାନାନା ହସ୍ପିଟାଲ୍ ରୋଡ, ତୁଳସୀ ନାଗର, ବ୍ରହ୍ମପୁର,ଓଡିଶା 760001
ମୋବାଇଲ୍: 8448698842
ହୋଟେଲ ଭିମସେନ୍ ପ୍ରାସାଦ
ଗୋପବନ୍ଧୁ ଛକ, ପାଖ ପେଟ୍ରୋଲ ପମ୍ପ, ବ୍ୟାସନଗର, ଯାଜପୁର ରୋଡ, ଓଡିଶା
ମୋବାଇଲ୍: 9205682106
ହୋଟେଲ । ନାମ୍ରା
ସପ୍ତମ ଗଳି, ଅମାଲାପଡା, ଅନଗୁଳ, ଓଡିଶା 759122
ମୋବାଇଲ୍: 6372918670

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

## ଅଧିସୂଚନା

**File No.COL/JAJ/VIIL-30C/2022 /3431/LA/(Civil) dated 15.03.2024**

**No. XXIV-05:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଯାଜପୁର ଶାଖା କେନାଲ–୧ର ବାମବନ୍ଧ ରାସ୍ତା ଭାୟା ମାନସାପୋଲ–ଅଠରନାଳ–ପ୍ରହରାଜପୁର ୦/୪୦୦ କି.ମି.ରୁ ୭/୨୫୦ କି.ମି. ପର୍ଯ୍ୟନ୍ତର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ସରକାର (**Appropriate Government**) ସରକାରୀ ବ୍ୟୟରେ ମୌଜା–ୟୁନିଟ ନଂ.୧୩ ଗରୁଡ ନଗର, ଥାନା–ଯାଜପୁର ନଂ.୨୧୨, ତହସିଲ–ଯାଜପୁର, ଜିଲ୍ଲା–ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨.୮୩୮ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (**Appropriate Government**) ଏତଦ୍ବାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧.ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଯାଜପୁର ଜିଲ୍ଲାରେ ଯାଜପୁର ଶାଖା କେନାଲ–୧ ର ବାମବନ୍ଧ ରାସ୍ତା ଭାୟା ମାନସାପୋଲ–ଅଠରନାଳ–ପ୍ରହରାଜପୁର ୦/୪୦୦ କି.ମି.ରୁ ୭/୨୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଯାଜପୁର ଜିଲ୍ଲାରେ ଯାଜପୁର ଶାଖା କେନାଲ–୧ ର ବାମବନ୍ଧ ରାସ୍ତା ଭାୟା ମାନସାପୋଲ– ଅଠରନାଳ–ପ୍ରହରାଜପୁର ୦/୪୦୦ କି.ମି.ରୁ ୭/୨୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ।
୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୬୫୪୩/୦୬.୦୩.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଯାଜପୁର ।
୬.ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ ନଂ ୧୩ ଗରୁଡ ନଗର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୫.୧୮୬ ଡି | ଏ. ୨.୮୩୮ ଡି. | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ଯାଜପୁର**

## ଭୂମି ଅନୁସୂଚୀ

**ପ୍ରକଳ୍ପ–ଯାଜପୁର ଶାଖା କେନାଲ–୧ର ବାମ ବନ୍ଧ ରାସ୍ତା ଭାୟା ମାନସାପୋଲ–ଅଠରନଳା–ପ୍ରହରାଜପୁର ୦/୪୦୦ କିମି ରୁ ୭/୨୫୦ କିମି ପର୍ଯ୍ୟନ୍ତର ଉନ୍ନତିକରଣ ଓ ପ୍ରଶସ୍ତିକରଣ**

**ମୌଜା–ୟୁନିଟ ନଂ ୧୩ ଗରୁଡ ନଗର, ଥାନା ନଂ–୨୧୨, ଥାନା/ତହସିଲ/ଜିଲ୍ଲା–ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୨୨ | ୮୮୪ | ୦.୦୩୦ | ୦.୦୧୫ | ଘରବାରି–୨ | ବଂଶୀଧର ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ଦଶଅଣା ଆଠପାହି, ବା:ସୁନେଇ ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ପାଞ୍ଚଅଣା ଚାରିପାହି |
| ୨ | ୩୨୨ | ୮୮୫ | ୦.୦୭୦ | ୦.୦୬୦ | ଘରବାରି–୨ | ବଂଶୀଧର ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ଦଶଅଣା ଆଠପାହି, ବା:ସୁନେଇ ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ପାଞ୍ଚଅଣା ଚାରିପାହି |
| ୩ | ୩୫୦ | ୮୮୬ | ୦.୦୮୦ | ୦.୦୮୦ | ଘରବାରି–୨ | ହରି ସାହୁ, ନାରଣ ସାହୁ, ବଳରାମ ସାହୁ, ନୃସିଂହ ସାହୁ, ପି:ଡମେଇ ସାହୁ, ଜା:ଗୁଡିଆ, ବା:ଚଣ୍ଡେଶ୍ୱର |
| ୪ | ୨୬୮/୮୩ | ୮୮୭ | ୦.୧୧୦ | ୦.୧୧୦ | ଘରବାରି | ନାରାୟଣ ସାହୁ, ବଳରାମ ସାହୁ, ନୃସିଂହ ଚରଣ ସାହୁ, ପି:ଡମେଇ ସାହୁ,ଜା:ଗୁଡିଆ, ବା:ଚଣ୍ଡେଶ୍ୱର |
| ୫ | ୩୦୯ | ୮୮୮ | ୦.୦୫୦ | ୦.୦୧୦ | ଘରବାରି–୨ | ପଦ୍ମନାଭ ବାଇ, ଦୟାନିଧି ବାଇ, ଭଗବାନ ବାଇ, ପୋକି ବାଇ, ପି:ଭିମ ବାଇ, ଦେବେନ୍ଦ୍ର ବାଇ, ପି:କନ୍ଦ ବାଇ, ନେତ୍ର ବାଇ, ସ୍ୱା:କନ୍ଦ ବାଇ, ଜା:ତନ୍ତି, ବା:ଚଣ୍ଡେଶ୍ୱର |
| ୬ | ୧୩୧ | ୮୮୯ | ୦.୧୫୦ | ୦.୦୮୦ | ଜଳାଶୟ–୨ | ପଦ୍ମନାଭ ବାଇ, ଦୟାନିଧି ବାଇ, ଭଗବାନ ବାଇ, ପୋକି ବାଇ, ପି:ଭିମ ବାଇ, ଦେବେନ୍ଦ୍ର ବାଇ, ପି:କନ୍ଦ ବାଇ, ନେତ୍ର ବାଇ, ସ୍ୱା:କନ୍ଦ ବାଇ, ଜା:ତନ୍ତି, ବା:ଶିରିଆପୁର |
| ୭ | ୨୬୮/୧୧୧ | ୮୯୩ | ୦.୧୯୨ | ୦.୧୫୦ | ଶାରଦ ଜଳ–୧ | ସତ୍‌ସଙ୍ଗ ସୋସାଇଟି ସେକ୍ରେଟାରୀ ରେଜିଷ୍ଟର୍ଡ ଅଫିସ ନଂ.– 68, ସୂର୍ଯ୍ୟସେନ ଷ୍ଟ୍ରିଟ୍ କଲିକତା–୨ |
| ୮ | ୨୬୮/୧୧୧ | ୮୯୬ | ୦.୧୦୦ | ୦.୦୯୦ | ଶାରଦ ଜଳ–୧ | ସତ୍‌ସଙ୍ଗ ସୋସାଇଟି ସେକ୍ରେଟାରୀ ରେଜିଷ୍ଟର୍ଡ ଅଫିସ ନଂ.– 68, ସୂର୍ଯ୍ୟସେନ ଷ୍ଟ୍ରିଟ୍ କଲିକତା–୨ |
| ୯ | ୨୬୮/୧୧୧ | ୮୯୭ | ୦.୦୫୫ | ୦.୦୫୫ | ଶାରଦ ଜଳ–୧ | ସତ୍‌ସଙ୍ଗ ସୋସାଇଟି ସେକ୍ରେଟାରୀ ରେଜିଷ୍ଟର୍ଡ ଅଫିସ ନଂ.– 68, ସୂର୍ଯ୍ୟସେନ ଷ୍ଟ୍ରିଟ୍ କଲିକତା–୨ |
| ୧୦ | ୧୧ | ୮୯୮ | ୦.୩୦୦ | ୦.୦୧୫ | ଘରବାରି–୨ | ଶ୍ରୀ ଅମରେନ୍ଦ୍ରନାଥ ଚକ୍ରବର୍ତ୍ତି, ପି:ଶ୍ରୀ ଠାକୁର ଅନୁକୁଳ ଚନ୍ଦ୍ର, ବା:ସାତସଙ୍ଗ, ଥା:ଦେଓଘର, ଜି:ସାନ୍ତୋଲ ପ୍ରଗନା, ବିହାର |
| ୧୧ | ୧୩୮ | ୯୦୩ | ୦.୦୪୦ | ୦.୦୧୦ | ଶାରଦ ଜଳ–୧ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତାମ୍ବର ସାହୁ, ପି:ଶ୍ରୀହରି ସାହୁ, ଜା:ଗୁଡିଆ, ବା:ଶିରିଆପୁର |
| ୧୨ | ୧୩୮ | ୯୦୪ | ୦.୧୩୫ | ୦.୧୩୫ | ଶାରଦ ଜଳ–୧ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତାମ୍ବର ସାହୁ, ପି:ଶ୍ରୀହରି ସାହୁ, ଜା:ଗୁଡିଆ, ବା:ଶିରିଆପୁର |
| ୧୩ | ୧୩୮ | ୯୦୫ | ୦.୩୫୫ | ୦.୦୨୦ | ଶାରଦ ଜଳ–୧ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତାମ୍ବର ସାହୁ, ପି:ଶ୍ରୀହରି ସାହୁ, ଜା:ଗୁଡିଆ, ବା:ଶିରିଆପୁର |
| ୧୪ | ୨୬୮/୧୨୦ | ୯୧୦/୧୧୨୮ | ୦.୦୫୫ | ୦.୦୫୫ | ଶାରଦ ଜଳ–୧ | ଆନନ୍ଦ ଚନ୍ଦ୍ର ସାହୁ, ପି:ନବ ସାହୁ, ଜା:ଶୁଣ୍ଡି, ବା:ନହରପଦା, ହା.ସା. ୟୁନିଟ ନଂ– 14 |
| ୧୫ | ୨୬୮/୧୧୯ | ୯୧୦/୧୨୫୫ | ୦.୦୧୦ | ୦.୦୧୦ | ଘରବାରି | ବିଜୟ କୁମାର ସାହୁ, ପି:ଆନନ୍ଦ ଚନ୍ଦ୍ର ସାହୁ, ଜା:ଶୁଣ୍ଡି, ବା:ନହରପଦା, ହା.ସା. ୟୁନିଟ ନଂ.–14 |
| ୧୬ | ୨୬୮/୨୬୫ | ୯୧୦ | ୦.୦୭୦ | ୦.୦୭୦ | ଘରବାରି | ଆନନ୍ଦ ଚନ୍ଦ୍ର ସାହୁ, ପି:ନବ କିଶୋର ସାହୁ, ଜା:ଶୁଣ୍ଡି, ବା:ନହରପଦା, ୟୁନିଟ ନଂ.–14 |
| ୧୭ | ୨୬୮/୬୧ | ୯୧୧/୧୨୦୯ | ୦.୧୫୪ | ୦.୧୫୪ | ଶାରଦ ଜଳ–୧ | ଗୋବିନ୍ଦ ଚନ୍ଦ୍ର କର, ପି:ଗଣେଶ ଚନ୍ଦ୍ର କର, ଜା:ବ୍ରାହ୍ମଣ, ବା:ଝାଡଙ୍ଗା |
| ୧୮ | ୨୬୮/୧୩୦ | ୯୧୨ | ୦.୦୪୦ | ୦.୦୧୦ | ଘରବାରି–୧ | ପ୍ରଭାତୀ ପ୍ରଧାନ, ସ୍ୱା:ପ୍ରମୋଦ କୁମାର ପ୍ରଧାନ, ଜା:ଖଣ୍ଡାୟତ, ବା:ଆନ୍ଦୋଳା |
| ୧୯ | ୨୬୮/୧୩୦ | ୯୧୩/୧୨୪୩ | ୦.୦୧୫ | ୦.୦୦୭ | ଘରବାରି | ପ୍ରଭାତୀ ପ୍ରଧାନ, ସ୍ୱା:ପ୍ରମୋଦ କୁମାର ପ୍ରଧାନ, ଜା:ଖଣ୍ଡାୟତ, ବା:ଆନ୍ଦୋଳା |
| ୨୦ | ୨୬୮/୪୩୦ | ୯୧୨/୧୧୮୭ | ୦.୦୧୩ | ୦.୦୧୩ | ଶାରଦ ଜଳ–୧ | ଶୁଭଶ୍ରୀ ସାମଲ, ସ୍ୱା:ସୁଭ୍ରାଂଶୁ ଶେଖର ସାମଲ, ଜା:ଖଣ୍ଡାୟତ, ବା:କହରାଗଣ୍ଡ, ଥା:ବିଂଝାରପୁର, ହା.ସା. ୟୁନିଟ ନଂ.3, ରାଉତରାପୁର |
| ୨୧ | ୨୬୮/୪୩୦ | ୯୧୨/୧୨୪୨ | ୦.୦୨୭ | ୦.୦୨୭ | ଘରବାରି–୧ | ଶୁଭଶ୍ରୀ ସାମଲ, ସ୍ୱା:ସୁଭ୍ରାଂଶୁ ଶେଖର ସାମଲ, ଜା:ଖଣ୍ଡାୟତ, ବା:କହରାଗଣ୍ଡ, ଥା:ବିଂଝାରପୁର, ହା.ସା. ୟୁନିଟ ନଂ.3, ରାଉତରାପୁର |
| ୨୨ | ୨୬୮/୪୩୦ | ୯୧୩/୧୧୮୮ | ୦.୦୨୦ | ୦.୦୨୦ | ଘରବାରି–୧ | ଶୁଭଶ୍ରୀ ସାମଲ, ସ୍ୱା:ସୁଭ୍ରାଂଶୁ ଶେଖର ସାମଲ, ଜା:ଖଣ୍ଡାୟତ, ବା:କହରାଗଣ୍ଡ, ଥା:ବିଂଝାରପୁର, ହା.ସା. ୟୁନିଟ ନଂ.3, ରାଉତରାପୁର |
| ୨୩ | ୨୬୮/୭୦ | ୯୧୩/୧୨୧୯ | ୦.୦୪୩ | ୦.୦୩୦ | ଘରବାରି–୧ | ନାରାୟଣ ସେଠୀ, ପି:ନବ କିଶୋର ସେଠୀ, ଜା:ଧୋବା, ବା:କଲ୍ୟାଣପୁର |
| ୨୪ | ୨୬୮/୭୦ | ୯୧୪/୧୨୨୦ | ୦.୦୪୮ | ୦.୦୩୫ | ଘରବାରି–୧ | ନାରାୟଣ ସେଠୀ, ପି:ନବ କିଶୋର ସେଠୀ, ଜା:ଧୋବା, ବା:କଲ୍ୟାଣପୁର |
| ୨୫ | ୨୬୮/୧୩ | ୯୧୪/୧୧୬୫ | ୦.୦୪୦ | ୦.୦୧୦ | ଘରବାରି–୧ | ଭଜନାନନ୍ଦ ମାଝୀ, ପି:ବଳରାମ ମାଝୀ, ଜା:କୈବର୍ତ୍ତ, ବା:କମାଳପୁର |
| ୨୬ | ୨୬୮/୧୩ | ୯୧୪/୧୧୬୫/୧ | ୦.୦୩୦ | ୦.୦୧୦ | ଘରବାରି–୧ | ଭଜନାନନ୍ଦ ମାଝୀ, ପି:ବଳରାମ ମାଝୀ, ଜା:କୈବର୍ତ୍ତ, ବା:କମାଳପୁର |
| ୨୭ | ୨୬୮/୧୦ | ୯୧୪/୧୧୬୨ | ୦.୦୨୦ | ୦.୦୨୦ | ଘରବାରି | ଗୁରୁଚରଣ ରାୟ, ପି:ଦୁର୍ଯ୍ୟୋଧନ ରାୟ, ଜା:ଖଣ୍ଡାୟତ, ବା:ରତଳାଙ୍ଗ, ଥା–ବିଂଝାରପୁର, ଜି–ଯାଜପୁର |
| ୨୮ | ୨୬୮/୧୦ | ୯୧୩/୧୧୬୧ | ୦.୦୨୦ | ୦.୦୨୦ | ଘରବାରି | ଗୁରୁଚରଣ ରାୟ, ପି:ଦୁର୍ଯ୍ୟୋଧନ ରାୟ, ଜା:ଖଣ୍ଡାୟତ, ବା:ରତଳାଙ୍ଗ, ଥା–ବିଂଝାରପୁର, ଜି–ଯାଜପୁର |
| ୨୯ | ୨୬୮/୪୨୭ | ୯୧୫ | ୦.୦୫୦ | ୦.୦୫୦ | ଘରବାରି | ତୁଷାରକାନ୍ତ ସାହୁ, ପି:ଉମାକାନ୍ତ ସାହୁ, ଜା:ତେଲି, ବା:ନିଜାମପୁର, ଥା:ମଙ୍ଗଳପୁର |
| ୩୦ | ୨୬୮/୨୭୨ | ୯୧୫/୧୨୯୨ | ୦.୦୪୦ | ୦.୦୧୫ | ଘରବାରି | ନବକୁମାର ମିଶ୍ର, ପି:ଦୁର୍ଗାଚରଣ ମିଶ୍ର, ମାନିନୀ ଦାଶ, ସ୍ୱା: ନବକୁମାର ମିଶ୍ର, ଜା:ବ୍ରାହ୍ମଣ, ବା:ନନ୍ଦିପୁର |
| ୩୧ | ୫୫ | ୯୧୭ | ୦.୧୪୦ | ୦.୧୦୦ | ଶାରଦ ଜଳ–୧ | ଗୟାଧର ସେଠୀ, ପି:ତିଲେଇ ସେଠୀ, ଜା:ଧୋବା, ବା:ଶିରିଆପୁର |
| ୩୨ | ୨୬୮/୫୩୬ | ୯୧୯ | ୦.୦୮୦ | ୦.୦୪୫ | ଶାରଦ ଜଳ–୧ | ଧର୍ମେନ୍ଦ୍ର ଯେନା, ପି:ଆଦିତ୍ୟ ପ୍ରସାଦ ଯେନା, ଜା:ପାଣ, ବା:ଅରଡପଡା |
| ୩୩ | ୨୪୬ | ୯୨୧ | ୦.୦୯୫ | ୦.୦୫୩ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୩୪ | ୧୧୮ | ୯୨୨ | ୦.୦୭୫ | ୦.୦୭୫ | ଶାରଦ ଜଳ–୧ | ନାରଣ ସେଠୀ, ବିଶ୍ୱମ୍ବର ସେଠୀ, ପି:ଚନ୍ଦୁରୀ ସେଠୀ, ଦିନବନ୍ଧୁ ସେଠୀ, ଜଗବନ୍ଧୁ ସେଠୀ, ଗଙ୍ଗାଧର ସେଠୀ, ବୁଢିଆ ସେଠୀ, ସରସ୍ୱତୀ ସେଠୀ, ପି:ଚିନ୍ତାମଣି ସେଠୀ, ହାରାମଣି ସେଠୀ, ସ୍ୱା: ଚିନ୍ତାମଣି ସେଠୀ,ଜା:ଧୋବା, ବା:ଶିରିଆପୁର |
| ୩୫ | ୨୬୮/୪୦୪ | ୯୫୧/୧୩୬୯ | ୦.୧୦୦ | ୦.୦୩୫ | ଶାରଦ ଜଳ–୧ | ଅନନ୍ତ ସାହୁ, ପି:ସୁରେନ୍ଦ୍ର କୁମାର ସାହୁ, ଜା:ଶୁଣ୍ଡି,ବା:ନହରପଦା |
| ୩୬ | ୨୬୮/୪୬୨ | ୯୫୧/୧୪୨୩ | ୦.୦୬୦ | ୦.୦୨୮ | ଶାରଦ ଜଳ–୧ | ଅନନ୍ତ ସାହୁ, ପି:ସୁରେନ୍ଦ୍ର କୁମାର ସାହୁ, ଜା:ଶୁଣ୍ଡି,ବା:ନହରପଦା |
| ୩୭ | ୨୪୬ | ୯୫୧ | ୦.୨୧୫ | ୦.୦୮୧ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୩୮ | ୨୬୮/୫୮୨ | ୯୫୧/୧୪୯୬ | ୦.୦୫୫ | ୦.୦୦୯ | ଶାରଦ ଜଳ–୧ | ଅନନ୍ତ ସାହୁ, ପି:ସୁରେନ୍ଦ୍ର କୁମାର ସାହୁ, ଜା:ଶୁଣ୍ଡି,ବା:ନହରପଦା |
| ୩୯ | ୧୧୮ | ୯୭୫ | ୦.୦୪୬ | ୦.୦୩୬ | ଶାରଦ ଜଳ–୧ | ନାରଣ ସେଠୀ, ବିଶ୍ୱମ୍ବର ସେଠୀ, ପି:ଚନ୍ଦୁରୀ ସେଠୀ, ଦିନବନ୍ଧୁ ସେଠୀ, ଜଗବନ୍ଧୁ ସେଠୀ, ଗଙ୍ଗାଧର ସେଠୀ, ବୁଢିଆ ସେଠୀ, ସରସ୍ୱତୀ ସେଠୀ, ପି:ଚିନ୍ତାମଣି ସେଠୀ, ହାରାମଣି ସେଠୀ, ସ୍ୱା: ଚିନ୍ତାମଣି ସେଠୀ,ଜା:ଧୋବା, ବା:ଶିରିଆପୁର |
| ୪୦ | ୨୪୬ | ୯୭୬ | ୦.୨୦୫ | ୦.୧୩୦ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୪୧ | ୨୪୬ | ୯୭୭ | ୦.୧୫୫ | ୦.୦୫୫ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୪୨ | ୨୬୮/୧୯୯ | ୯୮୪/୧୧୨୫ | ୦.୦୩୦ | ୦.୦୩୦ | ଶାରଦ ଜଳ–୧ | ଝୁନୁରାଣୀ ବିଶ୍ୱାଳ, ପି:ମାୟାଧର ବିଶ୍ୱାଳ, ଜା:ଖଣ୍ଡାୟତ, ବା:ମିର୍ଜାପୁର, ହା.ସା.ନିଜଗାଁ |
| ୪୩ | ୨୬୮/୧୯୯ | ୯୮୪ | ୦.୧୫୦ | ୦.୦୩୫ | ଶାରଦ ଜଳ–୧ | ଝୁନୁରାଣୀ ବିଶ୍ୱାଳ, ପି:ମାୟାଧର ବିଶ୍ୱାଳ, ଜା:ଖଣ୍ଡାୟତ, ବା:ମିର୍ଜାପୁର, ହା.ସା.ନିଜଗାଁ |
| ୪୪ | ୨୩୨ | ୯୮୫ | ୦.୧୧୦ | ୦.୦୪୦ | ଶାରଦ ଜଳ–୧ | ସରସ୍ୱତୀ ସେଠୀ, ପି:ବୁଲେଇ ସେଠି, ବାବନ ସେଠି, ଗଗନ ସେଠି, ପି:ନବ ସେଠି, ଜା:ଧୋବା,ବା:ଶିରିଆପୁର |
| ୪୫ | ୨୩୨ | ୯୮୬ | ୦.୦୯୦ | ୦.୦୩୫ | ଶାରଦ ଜଳ–୧ | ସରସ୍ୱତୀ ସେଠୀ, ପି:ବୁଲେଇ ସେଠି, ବାବନ ସେଠି, ଗଗନ ସେଠି, ପି:ନବ ସେଠି, ଜା:ଧୋବା,ବା:ଶିରିଆପୁର |
| ୪୬ | ୨୪୬ | ୯୮୭ | ୦.୦୯୦ | ୦.୦୩୫ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୪୭ | ୨୬୮/୪୩୩ | ୯୮୮ | ୦.୧୦୦ | ୦.୦୫୦ | ଶାରଦ ଜଳ–୧ | କମଳାକାନ୍ତ ପଣ୍ଡା, ପି:ସୁରେନ୍ଦ୍ର କୁମାର ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ ସାମିଲ, ଶିରିଆପୁର |
| ୪୮ | ୨୬୮/୧୩୧ | ୧୦୦୮ | ୦.୦୩୦ | ୦.୦୨୫ | ଶାରଦ ଜଳ–୧ | ଗିରିଶ କୁମାର ପଣ୍ଡା, ପି:ଉପେନ୍ଦ୍ର କୁମାର ପଣ୍ଡା, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୪୯ | ୧୯୭ | ୧୦୦୯ | ୦.୧୦୩ | ୦.୦୪୫ | ଶାରଦ ଜଳ–୧ | ଉମାରାଣୀ ପଣ୍ଡା, ସ୍ୱା:ମୋହନ ଚରଣ ପଣ୍ଡା, ବିଭୂତି ଭୂଷଣ ପଣ୍ଡା, ଗୁରୁ ଚରଣ ପଣ୍ଡା, ରାଜ କିଶୋର ପଣ୍ଡା, ସରସ୍ୱତୀ ପଣ୍ଡା, ପି:ମୋହନ ଚରଣ ପଣ୍ଡା, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୫୦ | ୨୬୮/୪୨୮ | ୧୦୧୧/୧୩୯୬ | ୦.୦୮୦ | ୦.୦୫୦ | ଶାରଦ ଜଳ–୧ | ପ୍ରଦିପ କୁମାର ପଣ୍ଡା, ପି:ବାବାଜି ଚରଣ ପଣ୍ଡା, ବା:ଜଲଶରପୁର, ଅଜୟ କୁମାର ଷଡଙ୍ଗି, ପି:କାଶିନାଥ ଷଡଙ୍ଗି, ଜା:ବ୍ରାହ୍ମଣ, ବା:ମାଂସଡାବିନ୍ଧା ନଂ.1 |
| ୫୧ | ୪୩ | ୧୦୧୨ | ୦.୧୯୦ | ୦.୦୯୦ | ଶାରଦ ଜଳ–୧ | କେଶବ ଚନ୍ଦ୍ର ମିଶ୍ର, ପି:କ୍ଷେତ୍ର ମୋହନ ମିଶ୍ର, ବାସନ୍ତି କୁମାରୀ ମିଶ୍ର, ସ୍ୱା:ଅର୍ଜୁନ ମିଶ୍ର, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୫୨ | ୪୩ | ୧୦୧୩ | ୦.୨୦୫ | ୦.୦୮୫ | ଶାରଦ ଜଳ–୧ | କେଶବ ଚନ୍ଦ୍ର ମିଶ୍ର, ପି:କ୍ଷେତ୍ର ମୋହନ ମିଶ୍ର, ବାସନ୍ତି କୁମାରୀ ମିଶ୍ର, ସ୍ୱା:ଅର୍ଜୁନ ମିଶ୍ର, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୫୩ | ୭୪ | ୧୦୩୨ | ୦.୩୦୫ | ୦.୧୪୦ | ଶାରଦ ଜଳ–୧ | ଗୋବିନ୍ଦ ସେଠୀ, ପି:ମଙ୍ଗୁଳି ସେଠୀ, ଜା:ଧୋବା, ବା:ନାହାକ ସାହି |
| ୫୪ | ୫୫ | ୧୦୩୪ | ୦.୧୧୫ | ୦.୧୧୫ | ଶାରଦ ଜଳ–୧ | ଗୟାଧର ସେଠୀ, ପି:ତିଲେଇ ସେଠୀ, ଜା:ଧୋବା, ବା:ଶିରିଆପୁର |
| | | | ମୋଟ | ୨.୮୩୮ | | |

**ସ୍ୱା./–ତହସିଲଦାର ତଥା ଭୂ–ଅର୍ଜନ ଅଧିକାରୀ, ଯାଜପୁର**

OIPR-24163/14/0020/2425

